## କେନ୍ଦ୍ରାଞ୍ଚଳ ଅବକାରୀ ଚଢ଼ାଉ

ସୋର, (ଡି.ଏନ.ଏ.)-କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ଗୁରୁବାର ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବରଫ କଳଛକ ନିକଟରେ ଚଢ଼ାଉ କରାଯାଇ ଏକ ଅଟୋ ସହ ବିପୁଳ ପରିମାଣର ଦେଶୀମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଔପଦା ଥାନା କମାରପାଳ ଗ୍ରାମର ଚୈତନ୍ୟ ଘଡେଇ (୩୦)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ : ୭ଜଣଙ୍କ ନାଁରେ ମାମଲା

ମୋରଡ଼ା,୧୬।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତରେ ଥିବା ଜଟେଶ୍ୱର ମହାବିଦ୍ୟାଳୟ ସମ୍ମୁଖରେ ବୁଧବାର ରାତିରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ୭ ଜଣଙ୍କ ନାମରେ ମୋରଡ଼ା ପୋଲିସ ମାମଲା ରୁଜୁ କରିଛି।

ସୂଚନା ଅନୁଯାୟୀ, ଜଟେଶ୍ୱର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଦେଖିବାକୁ ଜଗନ୍ନାଥ ବେହେରା ନାମକ ଜଣେ ଛାତ୍ର ଆସିଥିଲେ। କେତେଜଣ ଅଣଛାତ୍ର କଲେଜ ପରିସର ଭିତରକୁ ପ୍ରବେଶ କରି ଜଗନ୍ନାଥଙ୍କ ସହିତ ପାଟିତୁଣ୍ଡ କରିଥିଲେ। ଏନେଇ ଛାତ୍ର ଓ ଅଣଛାତ୍ର ତଥା ନୂଆଗାଁ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଉତ୍କ୍ଷିପ୍ତ ଅଣଛାତ୍ରମାନେ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ମୋରଡା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିବା ବେଳେ ଏଏସ୍ଆଇ ଦୀନବନ୍ଧୁ ଦେହୁରୀ ଅଣଛାତ୍ରଙ୍କ ଆକ୍ରମଣରେ ଆହତ ହୋଇଥିଲେ। ଏନେଇ ଥାନାରେ ଏକ ମାମଲା(ନଂ. ୫୦/୨୩) ରୁଜୁ ହୋଇଛି।

### ଭାଜପା ସୁବର୍ଣ୍ଣମୁଖୀ ମଣ୍ଡଳର କାର୍ଯ୍ୟକାରିଣୀ

ଭଣ୍ଡାରିପୋଖରୀ,୧୬।୨(ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ନାଆମୀ ପଞ୍ଚାୟତଠାରେ ଭାଜପା ସୁବର୍ଣ୍ଣମୁଖୀ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରଫୁଲ୍ଲ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଦଳର ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ, ଜିଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ କୁମାର ରାଉତ, ସୂର୍ଯ୍ୟମଣି ରାଉତ, ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ସମିତିସଭ୍ୟ ପ୍ରଣବ ରାଉତ, କୈଳାସ ସାହୁ, ସୁରେଶ ଦାସ, ପ୍ରଦୀପ ପାଢ଼ୀ, ବ୍ୟୋମକେଶ ସେଠୀ, ସୁଦର୍ଶନ ସାହୁ, ପ୍ରଦ୍ୟୁମ୍ନ ସେନାପତି, ରଙ୍ଗାଧର ରାଉତ, ରୁକ୍ମିଣୀ ଦାସ, ପଦ୍ମଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ ସଙ୍ଗଠନ ଓ ସ୍ଥାନୀୟ ସମସ୍ୟା ସହ ରାଜନୈତିକ ସ୍ଥିତି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

## ଦିନକ ପରେ ଜାଗର

# ଆଖଣ୍ଡଳମଣି ପୀଠରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଆରଡ଼ି,୧୬।୨(ଡି.ଏନ୍.ଏ.)

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠର ଉନ୍ନତୀକରଣ ପାଇଁ ୬ବର୍ଷ ତଳେ ୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ତଦନୁଯାୟୀ କାର୍ଯ୍ୟ ମଧ୍ୟ ଚାଲୁ ରହିଥିଲା। ନଭେମ୍ବର ସୁଦ୍ଧା ମନ୍ଦିର ବେଢ଼ା ସମ୍ପ୍ରସାରଣ ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସରିବ ବୋଲି ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବ ପୀଠ ଗସ୍ତ ଅବସରରେ ଘୋଷଣା କରିଥିଲେ। ହେଲେ ଫେବୃୟାରୀ ସରିବାକୁ ବସିଥିଲେ ବି ନିର୍ମାଣ କାର୍ଯ୍ୟ ସରିନାହିଁ। ଏହାବ୍ୟତୀତ ପୀଠ ସୌନ୍ଦର୍ଯ୍ୟକରଣ ନିମନ୍ତେ ପୁନଃ ୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ମଧ୍ୟ ଦୁଇ ସଚିବ ଘୋଷଣା କରିଥିଲେ। ପ୍ରାଥମିକ ୬କୋଟି ଟଙ୍କାର କାମ ୬ ବର୍ଷ ପୂରିଥିଲେ ବି ଆଦ୍ୟାବଧି ଶେଷ ହୋଇନାହିଁ। ସେହିଭଳି ୬୦କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ କେତେ ବର୍ଷ ଲାଗିବ ବୋଲି ସ୍ଥାନୀୟ ଅଧିବାସୀ ପ୍ରଶ୍ନ ଉଠାଇଛନ୍ତି। ଏପଟେ ଆଉ ମାତ୍ର ଦିନକ ପରେ ପୀଠରେ ଜାଗର ଯାତ୍ରା। ଏହାକୁ ସୁଚାରୁରୂପେ ସମ୍ପାଦନ କରିବାକୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ୨ଥର ସମୀକ୍ଷା ବୈଠକ ବସିଛି। ପୀଠରେ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ମାତ୍ର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଆବର୍ଜନା ଏବେ ବି ପଡ଼ିରହିଛି। ଧର୍ମଶାଳା


ଚୂଳପକା ମଣ୍ଡପ ରାସ୍ତାପାର୍ଶ୍ୱରେ ଆବର୍ଜନା।

### ରାସ୍ତାପାର୍ଶ୍ୱରେ କୁଢ଼ କୁଢ଼ ଆବର୍ଜନା

ପଡ଼ିଆ ପାର୍ଶ୍ୱ, ନୂତନ ଅତିଥି ଭବନ ପାର୍ଶ୍ୱ, ଚୂଳପକା ମଣ୍ଡପକୁ ଯିବା ରାସ୍ତାପାର୍ଶ୍ୱ ଓ ଗୁଡ଼ିଆସାହି ରାସ୍ତାପାର୍ଶ୍ୱରେ ଆବର୍ଜନା ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାର ଚିତ୍ର ପ୍ରଦାନ କରୁଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ମହାଶିବରାତ୍ରି ପୂର୍ବରୁ ଓ ପରେ ଏହି ଆବର୍ଜନା ହଟାଯିବାକୁ ପୂର୍ବତନ ଜିଲା ପରିଷଦ ସଭ୍ୟ ସୁରେଶ ସାହୁ ଓ ସୁନ୍ଦରପୁର ସମିତିସଭ୍ୟ ଶରତ ବେହୁରିଆ ଦାବି କରିଛନ୍ତି। ଏ ସମ୍ପର୍କରେ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି, ଜାଗର ପାଇଁ ପୀଠ ଚତୁଃପାର୍ଶ୍ୱ ପ୍ରତିଦିନ ସଫେଇ ଚାଲିଛି। ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା ଲାଗି ପ୍ରସ୍ତୁତି ଚାଲିଛି। ସମାଧାନ ପାଇଁ ସମୟ ଲାଗିବ।

# ବାଲେଶ୍ୱରରେ ଶ୍ରୀଲେଦର୍ସ ଶୋ'ରୁମ୍ ଆଉଟଲେଟ୍



ଖବରଦାତା ସମ୍ମିଳନୀରେ ଶ୍ରୀଲେଦର୍ସ ଶୋ'ରୁମ୍ ଉଦ୍‌ଘାଟନ ସମ୍ପର୍କରେ ସୂଚନା ଦିଆଯାଉଛି।

ବାଲେଶ୍ୱର ଅଫିସ, ୧୬।୨

ବାଲେଶ୍ୱର ଷ୍ଟେଶନରୋଡ୍‌ରେ ଶ୍ରୀଲେଦର୍ସ ଶୋ'ରୁମ୍‌ର ବାଲେଶ୍ୱର ଆଉଟଲେଟ୍ ଶୁକ୍ରବାର ଉଦ୍‌ଘାଟନ ହେବ। ଏନେଇ ଗୁରୁବାର ବାଲେଶ୍ୱର ସହର ଷ୍ଟେଶନ ଛକ ନିକଟସ୍ଥ ହୋଟେଲ ମେରିଡ଼ିଆନ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମ୍ପାନୀ ପିଆର୍‌ଓ ସୌରଭ ବିଶ୍ୱାସ ସୂଚନା ଦେଇଛନ୍ତି।

ଦୀର୍ଘ ୭୦ବର୍ଷ ଧରି ଭାରତୀୟ ଫୁଟ୍‌ୱେର୍ ଇଣ୍ଡଷ୍ଟ୍ରିର ଏକ ବିଶ୍ୱସ୍ତ ନାମ ଶ୍ରୀଲେଦର୍ସ। ସାରା ଦେଶରେ ୨୩ଟି ଶୋ'ରୁମ୍ ଥିବାବେଳେ ଓଡ଼ିଶାରେ ଅଦ୍ୟାବଧି ୬ଟି ଶୋ'ରୁମ୍ ଖୋଲାସରିଛି। ବାଲେଶ୍ୱର ସହରରେ ସପ୍ତମ ଶୋ'ରୁମ୍ ଭାବେ ଶୁକ୍ରବାର ଉଦ୍‌ଘାଟନ ହେବ। ଶୋ'ରୁମ୍‌ରେ ୱାର୍ଲ୍ଡ-କ୍ଲାସ୍ ଫୁଟ୍‌ୱେର୍, ଲେଦର ଆସେସରିଜ୍, ବ୍ୟାଗ୍‌ସ, ଟ୍ରାଭେଲ୍ ବ୍ୟାଗ୍‌ସ, ସ୍ପୋର୍ଟସ ସୁ, ଆକ୍ଟିଭ୍‌ୱେୟାରଗୁଡ଼ିକ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ଗତ ୧୯୫୨ରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୁରେଶ ଚନ୍ଦ୍ର ଦେ ଦେଶବାସୀଙ୍କୁ ଆରାମଦାୟକ ତଥା ସୁଲଭ ମୂଲ୍ୟରେ ଜୋତା ଯୋଗାଇବା ଉଦ୍ଦେଶ୍ୟରେ ଏହି ଉଦ୍ୟୋଗକୁ ପ୍ରତିଷ୍ଠା କରିଥିଲେ। ଗୁଣବତ୍ତା ଉତ୍ପାଦ ଏବଂ ଗ୍ରାହକ ସନ୍ତୁଷ୍ଟି କମ୍ପାନୀ ସଫଳତାର ମନ୍ତ୍ର ବୋଲି କମ୍ପାନୀର ପାର୍ଟନର ଶେଖର ଦେ ପ୍ରକାଶ କରିଛନ୍ତି। ଫ୍ରାଞ୍ଚାଇଜ୍ ଅନର ଯଯାତି ଦାଶ କହନ୍ତି, ଦୀର୍ଘ ୧୦ବର୍ଷର ପ୍ରୟାସ ପରେ ଶ୍ରୀଲେଦର୍ସ ଶୋ'ରୁମ୍‌ର ଫ୍ରାଞ୍ଚାଇଜ୍ ବାଲେଶ୍ୱରରେ ଖୋଲୁଛି। ଜିଲାବାସୀଙ୍କ ଆବଶ୍ୟକତା ଏବଂ ରୁଚିକୁ ଆଖି ଆଗରେ ରଖି ଉତ୍ତମ ସେବା ଯୋଗାଇ ଦେବାପାଇଁ ପ୍ରୟାସ ଜାରି ରହିବ। ୨ଶହରୁ ଆରମ୍ଭ କରି ୩ହଜାର ଟଙ୍କା ପର୍ଯ୍ୟନ୍ତ ସମସ୍ତ ଜିନିଷ ଲୋକମାନେ ପାଇପାରିବେ ବୋଲି ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ପର୍ଚେଜ୍ ମ୍ୟାନେଜର ଉମାମହେଶ୍ୱର ରାୟ, ଅନୀଶ ଦାଶ, ମନୀଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦନେଶ୍ୱର ବଜାରରେ ଜବରଦଖଲ ଉଚ୍ଛେଦ

ଭୋଗରାଇ,୧୬।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ନାମିତ ଦୈନିକ ବଜାରରେ ଜବରଦଖଲକାରୀଙ୍କୁ ପ୍ରଶାସନ ପକ୍ଷରୁ ଜେସିବି ମେଶିନ ଲଗାଇ ଗୁରୁବାର ଉଚ୍ଛେଦ କରାଯାଇଛି।

ସୂଚନା ଅନୁଯାୟୀ, ଚନ୍ଦନେଶ୍ୱର ବିଜୁ ପଟ୍ଟନାୟକ ଗୋଲେଇଠାରୁ ବର୍ଡ଼ର ପର୍ଯ୍ୟନ୍ତ ଜବରଦଖଲକାରୀମାନେ ରାସ୍ତାର ଉଭୟ ପାର୍ଶ୍ୱରେ କେବିନ୍ ଖୋଲି ରାସ୍ତା ଜାମ୍ କରୁଛନ୍ତି। ଏହାବ୍ୟତୀତ ରାସ୍ତା ପାର୍ଶ୍ୱରେ ପାଚେରି ଓ ଘର ଦ୍ୱାର କରି ରାସ୍ତା ଅଣଓସାରିଆ କରିଥିବାରୁ ରାସ୍ତାରେ ଆକସ୍ମିକ ଦୁର୍ଘଟଣା ଘଟୁଛି। ଏପରିକି ଚନ୍ଦନେଶ୍ୱର ମନ୍ଦିର ଚଡ଼କମେଳା ଓ ମହାଶିବରାତ୍ରୀରେ ଜାଗର ଜାଳିବାକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସୁଥିବାରୁ ସ୍ଥାନାଭାବ ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ପ୍ରଶାସନ ଚନ୍ଦନେଶ୍ୱର ବିଜୁ ପଟ୍ଟନାୟକ ଗୋଲେଇଠାରୁ ହୋଟେଲ ସୀତା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଉଠାଦୋକାନୀଙ୍କୁ ଉଚ୍ଛେଦ କରିଛନ୍ତି। ଏହି ଜବରଦଖଲକାରୀଙ୍କୁ ଉଚ୍ଛେଦ ବେଳେ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ସହ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ, ଭୋଗରାଇ, ତାଳସାରୀ ଥାନା ସହ ଚନ୍ଦନେଶ୍ୱର ଫାଣ୍ଡି ପୋଲିସ ମୁତୟନ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ଆଦିତ୍ୟ


@ଆଶିଷ୍


@ବୁବୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।




# ଅମୀର ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ

**ମୋରଡା,୧୬।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବିଜୁ ଯୁବ ଜନତା ଦଳର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ମୋରଡ଼ା ବ୍ଲକର ଆଗ ଧାଡ଼ିର ଯୁବ ସାମାଜିକ କର୍ମୀ ଅମୀର ଖାନଙ୍କୁ ଜିଲା ଯୁବ ଜନତା ଦଳ-୧ର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲା ବିଜୁ ଯୁବ ଜନତା ଦଳର ପୁନର୍ଗଠନ କରାଯାଇ ଅମୀରଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଏନେଇ ବିଜେଡି ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ନାମ ଘୋଷଣା କରାଯାଇଛି। ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ଅମୀର ପୂର୍ବରୁ ବିଜୁ ଯୁବ ଜନତା ଦଳର ସମ୍ପାଦକ ଥିଲେ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ରାଜ୍ୟ ଯୁବ ସଭାପତି ବ୍ୟୋମକେଶ ରାୟ ଓ ଜିଲା ସଭାପତି ଅରୁଣ ବରାଡ଼ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



# ୨ ପୋଲିସ ଅଧିକାରୀ ଆହତ

କେନ୍ଦୁଝର, ୧୬।୨ (ସ୍ୱ.ପ୍ର.)

### ପୋଲିସ-ଭାଜପା କର୍ମୀ ମୁହାଁମୁହିଁ ଘଟଣା

### ପୃଥକ ମାମଲା ରୁଜୁ, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

କେନ୍ଦୁଝର ଭାଜପା ପକ୍ଷରୁ ବୁଧବାର ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ସମୟରେ ପୋଲିସ ଓ ଭାଜପା କର୍ମୀଙ୍କ ମଧ୍ୟରେ ହୋଇଥିବା ମୁହାଁମୁହିଁ ଘଟଣାରେ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ଘଟଣାରେ ଟାଉନ ଥାନା ଅଧିକାରୀ ସୁନୀଲ କର ଓ ସବ୍ ଇନ୍ସପେକ୍ଟର ସୁନୀଲ ନନ୍ଦ ଆହତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି।

ପ୍ରକାଶ ଯେ, ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ ଓ ଜିଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଭାଜପା ବିକ୍ଷୋଭ ପ୍ରଦର୍ଶନ କରୁଥିଲା। ଏହି ସମୟରେ ଭାଜପା କର୍ମୀମାନେ ପୋଲିସ ଉପରକୁ ଟମାଟୋ ଫିଙ୍ଗିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ଉପରେ ଚଢ଼ିବା ବେଳେ ପୋଲିସ ସହିତ ମୁହାଁମୁହିଁ ହୋଇଥିଲା। ଫଳରେ ଦୁଇ ପୋଲିସ କର୍ମଚାରୀ ଆହତ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବିରୋଧ ବେଳେ ଥାନା ଅଧିକାରୀ ଅସଦାଚରଣ କରିଥିବା ନେଇ ମଧ୍ୟ ମହିଳା ମୋର୍ଚ୍ଚାର ନେତ୍ରୀମାନେ ଟାଉନ ଥାନାରେ ଏତଲା ଦେଇଥିଲେ। ସଦର ବିଧାୟକ ମୋହନ ମାଝୀ କହିଛନ୍ତି, ପୋଲିସ ଆହତ ହେବାର ମିଥ୍ୟା ନାଟକ କରୁଛି। ସେ ଅଧିକାରୀ ଦ୍ୱୟ ଘଟଣା ସ୍ଥଳରେ ଠିକଠାକ ଥିଲେ ବୋଲି କହିଛନ୍ତି। ଏସ୍‌ପି ମିତ୍ରଭାନୁ ମହାପାତ୍ର କହିଛନ୍ତି, ଘଟଣାରେ ଟାଉନ ଥାନାରେ ପୋଲିସ ଓ ଭାଜପା ପକ୍ଷରୁ ଦୁଇଟି ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ କରୁଛନ୍ତି। ଉଭୟ ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।


ଆହତ ସବ ଇନ୍ସପେକ୍ଟର।

# ଖଇରା ମାଟିରେ ବ୍ରକୋଲି ଚାଷ

### ସଞ୍ଚୟିକା ମହାସଂଘର କାର୍ଯ୍ୟକୁ ପ୍ରଶଂସା

ଖଇରା,୧୬।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ସଞ୍ଚୟିକା ମହାସଂଘର ସଦସ୍ୟମାନେ ସ୍ୱାବଲମ୍ବୀ ହେବା ଲକ୍ଷ୍ୟରେ ଚଳିତବର୍ଷ ୨ଟି ସ୍ଥାନରେ ବ୍ରକୋଲି ଚାଷ ଆରମ୍ଭ ହୋଇଛି। ଖଇରା ପଞ୍ଚାୟତ କାର୍ଯ୍ୟାଳୟ ଓ ବିଷ୍ଣୁପୁର ଗ୍ରାମରେ ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଥମ କରି ମାଟିରେ ସଫଳତାର ସହ ବ୍ରକୋଲି ଫଳାଇବା ଲକ୍ଷ୍ୟରେ ଦିନରାତି ଏକ କରିଦେଇଛନ୍ତି। ବିଷ୍ଣୁପୁରରେ ୮ଏକର ଜମିରେ ଏବଂ ଖଇରା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପାଖାପାଖି ୧ଏକର ଜମିରେ ଏହି ଚାଷ କରାଯାଉଛି। ମହାସଂଘ ସଭାପତି ପୁଷ୍ପାଞ୍ଜଳି ମହାରଥା ଓ ସମ୍ପାଦିକା କବିତା ସାହୁ ଓ ଏମ୍‌ବିକେ ନିରୁପମା ନାୟକ ସଦସ୍ୟାମାନଙ୍କୁ ସଙ୍ଗରେ ଧରି ଓଡ଼ିଶା ଜୀବିକାମିଶନର ପରାମର୍ଶରେ ବିପିଏମ୍ ନିହାର ରଞ୍ଜନ ଜେନାଙ୍କ ପରାମର୍ଶରେ ଏହାକୁ ଚ୍ୟାଲେଞ୍ଜ ଭାବେ ନେଇ ଅତ୍ୟାଧୁନିକ ପ୍ରଣାଳୀରେ ଏହି ଚାଷ ଜାରି ରଖିଛନ୍ତି। ଗୁରୁବାର ଓଡ଼ିଶା ଜୀବିକା ମିଶନର ରାଜ୍ୟ ପରିଚାଳନା ୟୁନିଟ୍‌ର କୃଷି ବିଶେଷଜ୍ଞ ସୁଚିତ୍ରା ପଣ୍ଡା, ଅହଲ୍ୟା ଦାସ, ଅଙ୍କିତା ପଣ୍ଡା ପ୍ରମୁଖ ବ୍ଲକର ଅନ୍ୟାନ୍ୟ ଚାଷ ବୁଲିବା ସହ ଉକ୍ତ ବ୍ରକୋଲି ଚାଷ ବୁଲି ସନ୍ତୋଷ ପ୍ରକାଶ କରିଛନ୍ତି।


ବିଷ୍ଣୁପୁର ଗ୍ରାମରେ ମହିଳା ଗୋଷ୍ଠୀଙ୍କ ଦ୍ୱାରା ହୋଇଥିବା ବ୍ରକୋଲି ଚାଷ।



## ଆଜି କ'ଣ କେଉଁଠି

ଭଦ୍ରକ

- ଅଟଳ ବିହାରୀ ମହାବିଦ୍ୟାଳୟର ୫୮ତମ ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ଅପରାହ୍ନ ୧।
- ନ୍ୟାଶନାଲ ସେମିନାର, ସ୍ଥାନ: ଭଦ୍ରକ କଲେଜ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦୋକାନରେ ନିଆଁ ଲଗାଇବା ଘଟଣା, ଅଭିଯୁକ୍ତ ଗିରଫ

ବୈଶିଙ୍ଗା,୧୬।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଲମା ବଜାରଠାରେ ଥିବା ଆଲୋକ ମେଡିକାଲ ଷ୍ଟୋର ନାମକ ଏକ ଔଷଧ ଦୋକାନରେ ୨୦୨୧ ଡିସେମ୍ବର ୨୬ ତାରିଖରେ ସେହି ଅଞ୍ଚଳର କିଛି ଅସାମାଜିକ ଯୁବକ ନିଆଁ ଲଗାଇଦେବା ସହ ଲୁଟପାଟ କରିଥିବା ନେଇ ଦୋକାନ ମାଲିକ ତପନ କୁମାର ନାଥ ବୈଶିଙ୍ଗା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୩୭୨/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ସେକ ସେଉଯୁଦ୍ଦୀନଙ୍କୁ ବୁଧବାର ବିଳମ୍ବିତ ରାତିରେ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଚଷାଖଣ୍ଡ ଗ୍ରାମରେ ଚଢ଼ାଉ କରି ପୋଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

## ବ୍ଲକସ୍ତରୀୟ ଶିକ୍ଷକ ତାଲିମ ସାମର୍ଥ୍ୟ ଶିବିର

ଗୋପବନ୍ଧୁ ନଗର,୧୬।୨(ଡି.ଏନ.ଏ.)- ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ଶିକ୍ଷକ ତାଲିମ ସାମର୍ଥ୍ୟ ଶିବିର ରିଜିଓନାଲ ଏକାଡେମୀ ପୁରୁଣା ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାସ୍ୱତୀ ସିଟଙ୍କ ତତ୍ତ୍ୱାବଧାନରେ ମୋଟ ୯୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସେଠୀ ଯୋଗ ଦେଇ ଦେଶ ଗଠନର ଶିକ୍ଷକ ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସାଧନ କର୍ମୀ ଭାବେ ପ୍ରଧାନ ଶିକ୍ଷକ ଦେବବ୍ରତ ବାରିକ, ଆଶିଷ କୁମାର ସିଂବାବୁ ଓ ଗୋଷ୍ଠୀ ସମ୍ବଳ ଶିକ୍ଷକ ଫକୀର ମୋହନ ବେହେରା ଶିକ୍ଷାର ବିଭିନ୍ନ ଦିଗ ଓ କୌଶଳ ଉପରେ ତାଲିମ ଦେଇଥିଲେ।

## ଚାରାରୋପଣ କଲେ ଏସ୍‌ପି




ବାଲେଶ୍ୱର ଅଫିସ, ୧୬।୨-ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ଶ୍ରୀଲୋକନାଥ ମନ୍ଦିର ପ୍ରାଙ୍ଗଣରେ ମହାଶିବରାତ୍ରୀ ଉପଲକ୍ଷେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ବୃକ୍ଷରୋପଣ କରିଥିଲେ। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଲେଫ୍‌ଟନାଣ୍ଟ କର୍ଣ୍ଣେଲ ଡ. ଲକ୍ଷ୍ମୀଧର ଭୂୟାଁ ଯୋଗଦେଇ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ୍ରିମସ୍ ଆଇଡିଆଲ୍ ସ୍କୁଲ ପ୍ରତିଷ୍ଠାତା ଗଙ୍ଗାଧର ଦାସ ପରିଚାଳନା କରିଥିଲେ। ପୂର୍ବତନ ୱାର୍ଡ କାଉନ୍‌ସିଲର ଦେବାଶିଷ ସିଂହ, ଶିକ୍ଷାବିତ୍ ପଙ୍କଜ ଜେନା, ଲୋକନାଥ ସିଭିଲ ସୋସାଇଟିର ସଭାପତି ରାମେଶ୍ୱର ଦାସ, ସମ୍ପାଦକ ବସନ୍ତ ପଣ୍ଡା, ଉପସଭାପତି ନରେନ୍ଦ୍ର ବିହାରୀ ଦାସ, ଭଗବାନ ଚନ୍ଦ୍ର ସାହୁ, ୱାର୍ଡ କାଉନସିଲର ରଞ୍ଜିତା ମହାପାତ୍ର, ଅଧକ୍ଷା ପୁଷ୍ପିତା ମହାନ୍ତି, ସ୍ମୃତିରେଖା ଦାସ ପ୍ରମୁଖଙ୍କ ସମେତ ବିଦ୍ୟାପୀଠର ପିଲାମାନେ ଅତିଥିଙ୍କ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଧୁଷୁରୀ,୧୬।୨(ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଥାନା ଅଧୀନ ସରିଫପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଖିଳ ଚନ୍ଦ୍ର ରାଉତ(୮୨)ଙ୍କ ପରଲୋକ ହୋଇଛି। ସେ



ଚୁଡ଼ାକୁଟି ଇନ୍ଦ୍ରମଣି ମଧ ଇଂରାଜୀ ବିଦ୍ୟାଳୟରେ ୧୯୬୨ରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ୧୯୯୯ରେ ଜଣେ ପୂର୍ଣ୍ଣକାଳୀନ ପ୍ରଧାନ ଶିକ୍ଷକ ଭାବେ ଉକ୍ତ ସ୍କୁଲରୁ ସେ ଅବସର ଗ୍ରହଣ କରିଥିଲେ। ସେ ଜଣେ ନିଷ୍ଠାପର, କର୍ତ୍ତବ୍ୟନିଷ୍ଠ, ସ୍ନେହୀ ଓ ଆଦର୍ଶ ପ୍ରଧାନ ଶିକ୍ଷକ ଥିଲେ। ଆଦର୍ଶ ଶିକ୍ଷକ ଭାବେ ବହୁ କ୍ଷେତ୍ରରେ ସମ୍ମାନିତ ହୋଇଛନ୍ତି।

# ରାତିରେ ଚାଲିଛି ମୋରମ ଲୁଟ୍

### ରାଜସ୍ୱ ବିଭାଗ, ପୋଲିସ ଚୁପ୍

ରୂପସା, ୧୬।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ତହସିଲ ରୂପସା ଥାନା ଅଧୀନ ଗଡ଼ପଦା ପଞ୍ଚାୟତ ଅଧୀନ କେନ୍ଦୁଡ଼ାଙ୍ଗିରି ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ରାଜସ୍ୱ ବିଭାଗ, ପୋଲିସ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସଲାସୁତ୍ରରେ ଏଠି ଦିନ ରାତି ନିୟମିତ ମୋରମ୍ ଲୁଟ୍ ହେଉଥିବା ଦେଖିବାକୁ ମିଳିଛି।' ଏ ସମ୍ପର୍କରେ ବସ୍ତା ତହସିଲଦାର, ରୂପସା ଥାନା ଆଇଆଇସି ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ୨୦୨୧-୨୨ବର୍ଷରେ ୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କେନ୍ଦୁଡ଼ାଙ୍ଗିରି ଗାଁ ଫାଦର ଟ୍ୟାଙ୍କ ରିନୋଭେସନ ପ୍ରକଳ୍ପ ବିଭାଗ ତରଫରୁ ମଞ୍ଜୁର ହୋଇଥିଲା। ତଦନୁଯାୟୀ ପଞ୍ଚାୟତ କର୍ତ୍ତୃପକ୍ଷ, ବିଭାଗୀୟ ଜେଇ ଓ ଜିଆର୍‌ଏସ୍ କାର୍ଯ୍ୟାରମ୍ଭ କରିଥିଲେ। ନାମକୁ ମାତ୍ର ଜବକାର୍ଡ଼ଧାରୀଙ୍କୁ କାମରେ ଲଗାଇ ମୋରମ୍ ମାଫିଆଙ୍କଠାରୁ ମୋଟାଅଙ୍କର ବଟି ନେଇ ଏଠାରୁ ମୋରମ୍ ଲୁଟ୍ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଉକ୍ତ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଛି। ନିୟମିତ ରାତିରେ ଜେସିବି ଦ୍ୱାରା ମୋରମ୍ ଖୋଳାଯାଇ ୧୦/୧୨ଟି ଡମ୍ପର ଯୋଗେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାକୁ ଲକ୍ଷ ଲକ୍ଷ ଟଙ୍କାର ମୋରମ ଚାଲାଣ ହେଉଛି। ହେଲେ ପୋଲିସ, ରାଜସ୍ୱ ବିଭାଗ ଓ ପଞ୍ଚାୟତ କର୍ତ୍ତୃପକ୍ଷ ଚୁପ୍ ବସିଥିବା ଆଇନ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।



ମେଶିନ ଯୋଗେ ମୋରମ୍ ଖୋଳାଯାଉଛି।

# କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଲା ବିଜେଡି



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଜେଡି ନେତା ଓ କର୍ମକର୍ତ୍ତା।

କେନ୍ଦୁଝର/ପାଟଣା/ଚମ୍ପୁଆ/ଯୋଡ଼ା/ବଡବିଲ/ତେଲକୋଇ,୧୬।୨(ସ୍ୱ.ପ୍ର./ଡି.ଏନ୍.ଏ)

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ରାଜ୍ୟର ୩.୨୫ କୋଟି ଗରିବ ହିତାଧିକାରୀଙ୍କ ମୁଣ୍ଡ ପିଛା ୫ କେଜି ଚାଉଳ କାଟ୍ ନିଷ୍ପତ୍ତିକୁ ବିଜେଡି ବିରୋଧ କରୁଛି। ଏନେଇ ଗୁରୁବାର ବିଜେଡି ଜିଲାର ୧୩ଟି ବ୍ଲକ୍, ୪ ପୌରପାଳିକା, ୧ ଏନ୍‌ଏସି ତଥା ଜିଲାମୁଖ୍ୟାଳୟରେ ଗଣଧାରଣା ଓ ପ୍ରତିବାଦ ସଭା କରିଛି। ଜିଲା ସଭାପତି ମାଧବ ସର୍ଦ୍ଦାରଙ୍କ ନେତୃତ୍ୱରେ କର୍ମୀମାନେ ପୌରପାଳିକା ଓ ଜିଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ କରିଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଲକ୍ଷ୍ମୀ ନାୟକ, କାନନ ବିହାରୀ ପୋଢ଼ି, ଆଶିଷ ଚକ୍ରବର୍ତ୍ତୀଙ୍କ ସମେତ ବହୁ ନେତା, କର୍ମୀ ସାମିଲ ହୋଇଥିଲେ।

ସେହିପରି ଚମ୍ପୁଆ ଏନ୍‌ଏସି ବିଜେଡି ପକ୍ଷରୁ ବିଜୁ ମହିଳା ଜନତା ଦଳର ସଭାପତି ରମଣୀ ନାୟକ ଓ ଚମ୍ପୁଆ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ନେତୃତ୍ୱରେ ମହିଳା ଓ ପୁରୁଷ କର୍ମୀ ଏନ୍‌ଏସି କାର୍ଯ୍ୟାଳୟ ଓ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣ ଦେବା ସହ ଚମ୍ପୁଆ ବିଡିଓ ଜ୍ୟୋତ୍ସ୍ନାରାଣୀ

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ପାଟଣା ବ୍ଲକ୍ ସମ୍ମୁଖରେ ବିଜେଡି ନେତା ମିତ୍ରଭାନୁ ମହାନ୍ତଙ୍କ ସଂଯୋଜନାରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ। ପାଟଣା ବ୍ଲକ୍ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ଭଞ୍ଜ, ବ୍ଲକ୍ ଅଧକ୍ଷା ଶୁକାନ୍ତୀ ନାଏକ ପ୍ରମୁଖ ସାମିଲ ହୋଇ ବିଡିଓଙ୍କ ଅନୁପସ୍ଥିତିରେ ଅମଲା ବିନ୍ଦୁ ନାୟକ ଓ ସାହାରପଡ଼ାରେ ଏବିଡିଓ କୁସୁମଲତା ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ସେପିପରି ଯୋଡ଼ା, ବଡବିଲ୍‌ରେ ବିଧାୟିକା ମୀନାକ୍ଷୀ ମହାନ୍ତ, ତେଲକୋଇ ବ୍ଲକରେ ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଇଂ ପ୍ରେମାନନ୍ଦ ନାୟକଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଜିଲା ଛାତ୍ର କଂଗ୍ରେସର ବିକ୍ଷୋଭ




ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବାଲେଶ୍ୱର ଅଫିସ,୧୬।୨

ବାଲେଶ୍ୱର ଫକୀରମୋହନ କଲେଜ ସମ୍ମୁଖରେ ଜିଲା ଛାତ୍ର କଂଗ୍ରେସ ତରଫରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କିଛିଦିନ ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକ ସେମିନାର ଅନୁଷ୍ଠିତ ହେଉଥିବା ବେଳେ ଭାଜପାର ଛାତ୍ର ସାମ୍ମୁଖ୍ୟ ଏବିଭିପିର ଦୁଇଜଣ ଛାତ୍ରନେତା ଗୁଣ୍ଡାଗର୍ଦ୍ଦି କରିବା ଏବଂ ପ୍ରଫେସରଙ୍କ ଉପରକୁ ହାତ ଉଠାଇବା ପ୍ରତିବାଦରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏବିଭିପି ଜାଣିଶୁଣି ଶିକ୍ଷାନୁଷ୍ଠାନରେ ହିଂସା ରାଜନୀତି କରି କଲେଜ କ୍ୟାମ୍ପସରେ ଅରାଜକତା ସୃଷ୍ଟି କରିବାକୁ ଚାହୁଁଥିବା ଅଭିଯୋଗ କରି ଏହି ସଙ୍ଗଠନକୁ ବ୍ୟାନ୍ କରିବାକୁ ଦାବି କରାଯାଇଥିଲା। ବିକ୍ଷୋଭରେ ଯୁବନେତା ଭବାନୀ ମହାଲିକ, ଜିଲା ଛାତ୍ର କଂଗ୍ରେସ ଉପସଭାପତି ଜୀବନ ମହାପାତ୍ର, ସାଧାରଣ ସମ୍ପାଦକ ନବପ୍ରସାଦ ଭୂୟାଁ, ସୌରଭ ବେହେରା, ସମ୍ପାଦକ ଶାନ୍ତନୁ ମହାଲିକ, ଛାତ୍ରନେତା ଚନ୍ଦନ ପ୍ରଧାନ, ପ୍ରଶାନ୍ତ ଦେ, ଚନ୍ଦନ ମାଝି, ସୁମନ ପରିଡ଼ା, ଗଣେଶ ପାତ୍ର, ଜ୍ୟୋତିପ୍ରକାଶ ଜେନା, ମନୋଜ ଖୁଣ୍ଟିଆ, ବିବେକ ସାହା, ବିକି ଦାସ, ଶୁଭମ ଜେନା, ପବିତ୍ର ଦାସ, ନିର୍ମାଲ୍ୟ ଦାସ ପ୍ରମୁଖ ଯୋଗଦେଇ ଗିରଫ ହୋଇଥିବା ଦୁଇ ଛାତ୍ରନେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବା ସହ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଯେଉଁ ନେତାମାନେ ପ୍ରଚେଷ୍ଟା କରୁଛନ୍ତି ସେମାନଙ୍କ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ।

## ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ

ବିଶୋଇ,୧୬।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଚଟାଣି ଛକ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ହେଲପର ଗୁରୁତର ହୋଇଛନ୍ତି। ଟ୍ରକ୍‌ଟି ଭାରସାମ୍ୟ ହରାଇ କଲଭର୍ଟ ଉପରକୁ ଚଢ଼ିଯିବା ଫଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଚାପି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ମୃତ ଡ୍ରାଇଭର ଜଣଙ୍କ ହେଲେ କେନ୍ଦୁଝର ଜିଲା ରାଇଁସୁଆ ଅଞ୍ଚଳର ପପୁନି ମୁଣ୍ଡା (୨୫)। ହେଲପର ହେଲେ ଉକ୍ତ ଥାନା ଅଞ୍ଚଳର ନୁନୁକୁ ବେଷ୍ଟକାର (୩୨)। ବିଶୋଇ ଥାନା ପୋଲିସ ଏକ ମାମଲା (ନଂ. ୩୭/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

## ୧ରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରିବ ଭଞ୍ଜସେନା

**ବାରିପଦା ଅଫିସ,୧୬।୨:** ମୟୂରଭଞ୍ଜ ଜିଲାର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ୩ଦଫା ଦାବି ନେଇ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆସନ୍ତା ମାର୍ଚ୍ଚ ୧ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତବାନୀ ଦିଆଯାଇଛି। ଦାବିଗୁଡ଼ିକ ମଧ୍ୟରେ ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଚାଲିଥିବା ଦ୍ୱିତୀୟ କ୍ୟାମ୍ପସର ସମସ୍ତ ବିଭାଗଗୁଡ଼ିକ ଫେରାଇ ଆଣିବା, ପୂର୍ବରୁ କେନ୍ଦୁଝରସ୍ଥିତ ଦ୍ୱିତୀୟ କ୍ୟାମ୍ପସର ଭିତ୍ତିଭୂମି ସଜାଡିବା ବାବଦରେ ଖର୍ଚ୍ଚ ହୋଇଥିବା ରାଶି ତୁରନ୍ତ ମୁଖ୍ୟ କ୍ୟାମ୍ପସ ପାଇଁ ଘୋଷଣା କରିବା ଏବଂ ରାଜନୀତି ଆଳରେ ଭୋଟ ହାତେଇବା ପାଇଁ ଜିଲାରେ ଥିବା ହୋମିଓପ୍ୟାଥି ଓ ଆୟୁର୍ବେଦ କଲେଜକୁ ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ବାରମ୍ବାର ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରି ନିଜ ହାତକୁ ନେବା ପାଇଁ ଉଲ୍ଲେଖ ରହିଛି।

# ୨୬ରେ କୁଡୁମୀ ମହାସମାବେଶ

ସାରସକଣା,୧୬।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଝାରପୋଖରିଆଠାରେ କୁଡୁମୀ ପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କୁ ନେଇ କୁଡୁମୀ ମହାସମାବେଶ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୨୬ ତାରିଖରେ ବାରିପଦା ଛଉ ପଡ଼ିଆରେ ମହାସମାବେଶ ହେବା ନେଇ ଆଲୋଚନା ହୋଇଥିଲା। ଏଥିରେ ମହାସଭାର ରାଜ୍ୟ ସଭାପତି ଅଧ୍ୟାପକ ଗୋପବନ୍ଧୁ ମହାନ୍ତ, ସାଧାରଣ ସମ୍ପାଦକ ଆଡଭୋକେଟ ବସନ୍ତ କୁମାର ମହାନ୍ତ, ଉପଦେଷ୍ଟା ଆଡଭୋକେଟ ଅବନୀ କୁମାର ମହାନ୍ତ, କମଲ କୁମାର ମହାନ୍ତ, ଡମନ ଚନ୍ଦ୍ର ମହାନ୍ତ, ଦେବଦାସ ମହାନ୍ତ, ଅଜିତ ମହାନ୍ତ, ନିରଞ୍ଜନ ମହାନ୍ତ, ନିହାର ରଞ୍ଜନ ମହାନ୍ତ, ରାଧାନାଥ ମହାନ୍ତ, ପରେଶ ଚନ୍ଦ୍ର ମହାନ୍ତ, ସଞ୍ଜୟ ମହାନ୍ତ, ମନୋଜ ମହାନ୍ତ ପ୍ରମୁଖ କୁଡୁମୀ ପ୍ରତିନିଧି ଉପସ୍ଥିତ ଥିଲେ। ଏକ ହଜାର ମାଦଳ ଓ ଏକ ଲକ୍ଷ କୁଡୁମୀଙ୍କ ସମାଗମ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ମହାସମାବେଶକୁ ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡଖଣ୍ଡ ତଥା ଓଡିଶାର ସମସ୍ତ ନେତୃମଣ୍ଡଳୀ ଓ ଅଗ୍ରଣୀ ସଂଗଠକମାନଙ୍କୁ ଆମନ୍ତ୍ରଣ କରାଯିବ। ଶତାଧିକ ଝୁମର ଦଳକୁ ସାମିଲ କରିବାର ଯୋଜନା ହୋଇଛି। ତେଣୁ ଏହି ସମାବେଶରେ କିପରି ବହୁ ସଂଖ୍ୟାରେ ସମସ୍ତ ଅଞ୍ଚଳର କୁଡୁମୀ ସମ୍ପ୍ରଦାୟର ପ୍ରତିନିଧିମାନେ ଯୋଗଦେଇପାରିବେ ସେନେଇ ଆଲୋଚନା କରାଯାଇଥିଲା ।



ବୈଠକରେ ଉପସ୍ଥିତ କୁଡୁମୀ ସମ୍ପ୍ରଦାୟର କର୍ମକର୍ତ୍ତା।

# ଚାଉଳ କାଟିବା ପ୍ରତିବାଦରେ ବିଜେଡିର ଧାରଣା



ବିଜେଡି ନେତାମାନେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭଦ୍ରକ ଅଫିସ/ବନ୍ତ/ବାସୁଦେବପୁର/ଧାମନଗର/ଭଣ୍ଡାରିପୋଖରୀ, ୧୬।୨ (ଡି.ଏନ୍.ଏ./ସ୍ୱ.ପ୍ର.)

ଓଡ଼ିଶାର ଗରିବ ହିତାଧିକାରୀଙ୍କ ୫ କେଜି ଚାଉଳ କାଟିବା ଓ ଉଷୁନା ଚାଉଳ ଉଠାଣ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିଜେଡି ବିରୋଧ କରିଛି। ଏହାର ପ୍ରତିବାଦରେ ଦଳ ପକ୍ଷରୁ ଗୁରୁବାର ଧାରଣା ଦିଆଯାଇଛି। ଭଦ୍ରକ ଜିଲା ବିଜେଡି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ପ୍ରତିବାଦ ସଭା କରାଯାଇଥିଲା। ବିଜେଡି ନେତାମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିବାଦ ସଭାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ମଳୟ ଜେନା, ବ୍ଲକ ଅଧ୍ୟକ୍ଷ ଉର୍ମିଳା ନାୟକ, ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ସଂଖ୍ୟାଲଘୁ ଉପଦେଷ୍ଟା ତାହେରା ଖାତୁନ, କାଉନସିଲର ଆଶିଷ ଅମିତାଭ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଭଦ୍ରକ ବ୍ଲକ ଓ ପୌରପାଳିକା କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ବିଭିନ୍ନ ବ୍ଲକରେ ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ବନ୍ତ ବ୍ଲକରେ ରାଜ୍ୟ ବିଜେଡି ସମ୍ପାଦକ ଇଂ.ପ୍ରୟାସକାନ୍ତି ସାମଲଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଜଳସେଚନ ବିଭାଗ ଅଫିସ ଛକଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ବ୍ଲକ ଅଫିସ୍ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଧାୟକ ସାମଲ ଓ ଏମ୍‌ପି ମଣ୍ଡଳ ଯୋଗଦେଇ କେନ୍ଦ୍ର ସରକାର ଅନ୍ୟାୟ ନୀତି ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଥିଲେ। ବାସୁଦେବପୁରରେ ବିଜେଡି କର୍ମୀ ଓ ସମର୍ଥକମାନେ ପ୍ରତିବାଦ ଶୋଭାଯାତ୍ରାରେ ନୀଳମଣି ଟାଉନହଲ୍‌ରୁ ବାହାରି ସହର ପରିକ୍ରମା କରିଥିଲେ। ପରେ ପୌରପାଳିକା କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା କରିଥିଲେ। ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ ସଭାପତିତ୍ୱ କରିଥିଲେ। ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ନଗର ସଭାପତି ଶ୍ୟାମସୁନ୍ଦର ମହାନ୍ତି, ମାନସ ସାହୁ, ରଶ୍ମିତା ନାୟକ ପ୍ରମୁଖ ସାମିଲ ଥିଲେ। ଧାମନଗର ବ୍ଲକରେ ବିଜେଡି ସମର୍ଥିତ ପଞ୍ଚାୟତ ପ୍ରତିନିଧି ଓ କର୍ମୀମାନଙ୍କୁ ନେଇ ଦଳ ପକ୍ଷରୁ ବିଜୁ ପଟ୍ଟନାୟକ ଛକରୁ ପଦଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ବ୍ଲକ ସଭାପତି ଉମେଶ ମହାନ୍ତି ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜଗବନ୍ଧୁ ପ୍ରଧାନ, ନିବେଦିତା ଜେନା, ଟୁନିବାଳା ବିଶ୍ୱାଳ, ୱାସିମ ଏଜଦାନି କାଦରି ପ୍ରମୁଖ ଯୋଗ ଦେଇଥିଲେ। ଭଣ୍ଡାରିପୋଖରୀ ବ୍ଲକ ନିକଟ ଶନି ମନ୍ଦିର ପ୍ରାଙ୍ଗଣରେ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ବିଧାୟକ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ, ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ନୃସିଂହ ଖିଲାର, ରଶ୍ମିତା ପାଢ଼ୀ ପ୍ରମୁଖ ସାମିଲ ଥିଲେ।

# ବିଦ୍ୟାଳୟ ଆଗରେ ସ୍ୱୟଂସହାୟକ ମହିଳାଙ୍କ ଧାରଣା

### ୱାଚ୍ ମ୍ୟାନ, ସୁଇପର ନିଯୁକ୍ତି ନେଇ ବିବାଦ

ପାଟଣା,୧୬।୨(ସ୍ୱ.ପ୍ର)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ କୁଣ୍ଡଳା ପଞ୍ଚାୟତ ମିରିଗିଖୋଜି କୁଣ୍ଡୁଳା ହାଇସ୍କୁଲରେ ୱାଚ୍ ମ୍ୟାନ୍ ଓ ସୁଇପର ନିଯୁକ୍ତିକୁ ନେଇ ବିବାଦ ଦେଖାଯାଇଛି। ଏକ ନିର୍ଦ୍ଦିଷ୍ଟ ମହିଳା ଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା ଅଭିଯୋଗ କରି ଗୁରୁବାର ୧୨ ସ୍ୱୟଂ ସାହାୟକ ଗୋଷ୍ଠୀର ମହିଳା ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ଦାବି ପୂରଣ ନହେଲା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟ ୫ -ଟିରେ ରୂପାନ୍ତରିତ ହେବା ପରେ କର୍ତ୍ତୃପକ୍ଷ ପୂର୍ବରୁ ପ୍ରାଥମିକ ବିଦ୍ୟାଳୟରେ ରୋଷେଇ କରୁଥିବା ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ପୁନରବାର ୱାଚମ୍ୟାନ, ସୁଇପର ନିଯୁକ୍ତି ଦେଇଥିଲେ। ଯାହାକୁ ନେଇ ୧୨ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସାହାରପଡ଼ା ବିଡିଓ ବିଜୟ ନାୟକ, ସିଡିପିଓ ଦୀପ୍ତିମୟୀ ନାୟକ ଓ ଜିଲାପାଳ ଆଶିଷ ଠାକରେଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମହିଳା ନେତ୍ରୀ ମାଳତୀ ସେଠୀ, ରଞ୍ଜିତା ବେହେରା, ରୁକ୍ମଣୀ ମହାନ୍ତ ଓ ମାଳତୀ ମହାନ୍ତ ପ୍ରମୁଖ ଚେତାବନୀ ଦେଇଛନ୍ତି। କୁଣ୍ଡଳା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତାରାଚାନ୍ଦ ମହାନ୍ତ କହିଛନ୍ତି, ନବମ ଓ ଦଶମ ଶ୍ରେଣୀର ଏଫଏଫୋର(ଫରମେଟିଭ ଆସେସମେଣ୍ଟ) ପରୀକ୍ଷା ଚାଲିଛି। ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଅନୁରୋଧ ପରେ ସାନ ଫାଟକ ଟିକୁ ଖୋଲିଥିଲେ। ଏନେଇ ମୁଁ ବିଇଓ ଉତ୍ତମ ନାୟକ ଓ ସିଡିପିଓ ଦୀପ୍ତି ନାୟକଙ୍କୁ ଜଣାଇଛି। ସିଡିପିଓ ନାୟକ କହିଛନ୍ତି, ଗାଇଡ଼ଲାଇନ ଅନୁଯାୟୀ ସିଲେକ୍ସନ ହୋଇଛି। ନିର୍ଦ୍ଦିଷ୍ଟ ଏସ୍‌ଏଚ୍‌ଜି ଗ୍ରୁପ ଯେହେତୁ ପ୍ରାଥମିକ ବିଦ୍ୟାଳୟରେ ରୋଷେଇ କାର୍ଯ୍ୟ କରୁଛି। ତେଣୁ ତାଙ୍କୁ ୱାଚ୍ ମ୍ୟାନ ଓ ରାତ୍ରି ଜଗୁଆଳି ପୋଷ୍ଟ ନଦେବାପାଇଁଦାବିହେଉଥିବାକହିଥିଲେ।



ଫାଟକ ଆଗରେ ସ୍ୱୟଂ ସହାୟିକା ମହିଳା ବସିଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ

ଗୋପବନ୍ଧୁ ନଗର/ଖୁଣ୍ଟା,୧୬।୨(ଡି.ଏନ.ଏ.)

ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକର ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବାଲିମୁଣ୍ଡଲିଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ପ୍ରତାପ ଚନ୍ଦ୍ର ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉଭୟ ବ୍ଲକର ଶତାଧିକ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବର୍ଷିୟାନ ଶିକ୍ଷକ ନେତା ତ୍ରିନାଥ ଦେଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ହରିଶ ଚନ୍ଦ୍ର ପାତ୍ର, ସତିଶ ଚନ୍ଦ୍ର ପରିଡ଼ା, ଦିବାକର ପରିଡ଼ା, କରମା ସିଂ, ଶାନ୍ତିଲତା ଦାସ, ମୁଖମଣୀ ବିଶ୍ୱାଳ, ଭାରତୀ ପଟ୍ଟନାୟକ, ଠାକୁର ଚରଣ ମୁର୍ମୁ, ଆର୍ତ୍ତତ୍ରାଣ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଗଙ୍ଗାଧର ଭୋଇ ଓ ସଂଗଠନର ସମ୍ପାଦକ ହୀରେନ ରାୟ ସଞ୍ଚାଳନ କରିଥିଲେ।

